ଆଜି - ଶନିବାର
ତାରିଖ - ୨୦ ଜୁନ୍ ୨୦୨୬
ମାସ - ମିଥୁନ, ଦିନ - ୦୬
ତିଥି - ଷଷ୍ଠୀ, ପକ୍ଷ- କୃଷ୍ଣ
ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

ସତ ଖବର ସମସ୍ତଙ୍କ ଖବର
# ଆଜିକାଲି
ପ୍ରଭାତୀ ସଂସ୍କରଣ
AJIKALI
Morning Edition

" ଆମର ସୁପ୍ତ ଆତ୍ମାକୁ ଯେତେବେଳେ ଜାଗ୍ରତ କରାଇ ଦିଆଯିବ, ସେତେବେଳେ ସବୁକିଛି ଉତ୍କର୍ଷ ହୋଇପାରିବ ।"
- ସ୍ୱାମୀ ବିବେକାନନ୍ଦ

E-mail: ajikalibls@gmail.com
E-News : www.Ajikali epaper.com

Vol.- 41 ISSUE- 67 R.N.I. REGD. No. 44026/86 ବାଲେଶ୍ୱର ୨୦ ଜୁନ୍ ୨୦୨୬ ଶନିବାର BALASORE 20 JUNE 2026 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦

15001/76/2627



ବିକାଶର ଧାରା
ଓଡ଼ିଶା ସାରା



# ₹୪୭,୬୦୦ କୋଟିର
## ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପର ଲୋକାର୍ପଣ ତଥା ଭିତ୍ତିପ୍ରସ୍ତର ସ୍ଥାପନ

ମୁଖ୍ୟ ଅତିଥି
**ଶ୍ରୀମତୀ ଦ୍ରୌପଦୀ ମୁର୍ମୁ**
ମାନ୍ୟବର ରାଷ୍ଟ୍ରପତି

ଗରିମାମୟ ଉପସ୍ଥିତି
**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଡ. ହରି ବାବୁ କମ୍ଭମପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକାଗଣ

### ଲୋକାର୍ପଣ
₹୩୧୧ କୋଟିର ରାସ୍ତା ଓ ସେତୁ

₹୫୩୦ କୋଟିର
ସୁଦୃଢ଼ ପରିବହନ ଓ ଗମନାଗମନ ବ୍ୟବସ୍ଥା

ସୁରକ୍ଷିତ ସଡ଼କ, ସ୍ମାର୍ଟ ପରିବହନ ଓ
ଉନ୍ନତ ଜନସେବା ଦିଗରେ ଆଉ ଏକ ପଦକ୍ଷେପ

ଅନ୍ୟାନ୍ୟ ପ୍ରକଳ୍ପ ₹୩,୨୧୮ କୋଟି

### ଭିତ୍ତିପ୍ରସ୍ତର ସ୍ଥାପନ
₹୨୫ ହଜାର କୋଟିର 'ବିସିଜିସିଏଲ୍ କୋଲ୍ ଗ୍ୟାସିଫିକେସନ ପ୍ରକଳ୍ପ'

₹୧୭,୧୧୭ କୋଟିର
ଉନ୍ନତ ବିଦ୍ୟୁତ୍ ଶକ୍ତି ଭିତ୍ତିଭୂମି

ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ବୃଦ୍ଧି
ରାଜ୍ୟର ବିଦ୍ୟୁତ ଭିତ୍ତିଭୂମିର ହେବ ବିକାଶ

ଅନ୍ୟାନ୍ୟ ପ୍ରକଳ୍ପ ₹୧୨୭ କୋଟି

### ରେଳ ପ୍ରକଳ୍ପ ଲୋକାର୍ପଣ
- ହିନ୍ଦୋଳ - ମେରାମଣ୍ଡଳୀ ମଲ୍ଟି-ଟ୍ରାକିଂ ପ୍ରକଳ୍ପ
- ଯଖପୁରା- ଯାଜପୁର କେନ୍ଦୁଝର ରୋଡ୍ - ବୈତରଣୀ ରୋଡ୍ ମଲ୍ଟି-ଟ୍ରାକିଂ ପ୍ରକଳ୍ପ

ରାଜ୍ୟର ଆଞ୍ଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବା ସହିତ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବ

୨୦ ଜୁନ୍ ୨୦୨୬ | ମଧ୍ୟାହ୍ନ ୧୨:୧୫ | ରାଇରଙ୍ଗପୁର, ମୟୂରଭଞ୍ଜ

OIPR-15001/15001/2/26-27/0076

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର







# ଆଜି ମୟୂରଭଞ୍ଜ ଆସୁଛନ୍ତି ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର: ଆଜି ମୁଁ ଓଡ଼ିଶାର ମୟୂରଭଞ୍ଜରେ ରହିବି । ଏହି ଗସ୍ତ ଉଲ୍ଲେଖନୀୟ ହେବ କାରଣ ରାଷ୍ଟ୍ରପତି ଜୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ । ମୟୂରଭଞ୍ଜ ମଧ୍ୟ ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜୀଙ୍କ ଗୃହ ଜିଲ୍ଲା । ରାଷ୍ଟ୍ରପତି ଜୀ ଏବଂ ମୁଁ ପାହାଡପୁର ଗାଁକୁ ଯିବୁ ଏବଂ ତାହା ପରେ ଆମେ ବର୍ତ୍ତମାନର ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବୁ । ୪୭,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ କାର୍ଯ୍ୟର ଉଦଘାଟନ ଅଥବା ଭିତିପ୍ରସ୍ତର ସ୍ଥାପନ କରାଯିବ ।

# ଭିଭାଟେକ୍-୨୬ରେ ପ୍ରଧାନମନ୍ତ୍ରୀ : ୟୁରୋପର ସର୍ବବୃହତ ଷ୍ଟାର୍ଟଅପ୍ ମେଳାରେ ଯୋଗଦେଲେ ଭାରତର ୮୦ଡିପ ଟେକ୍ କମ୍ପାନୀ

ନୂଆଦିଲ୍ଲୀ : ଆଜି ପ୍ୟାରିସ ଠାରେ ଆୟୋଜିତ ୟୁରୋପର ସବୁଠାରୁ ବଡ଼ ପ୍ରଯୁକ୍ତିବିଦ୍ୟା ଏବଂ ଷ୍ଟାର୍ଟ-ଅପ୍ କାର୍ଯ୍ୟକ୍ରମ 'ଭିଭାଟେକ୍ ୨୦୨୬'ରେ ଯୋଗ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହି ଅବସରରେ ଫ୍ରାନ୍ସର ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରୋନ ମଧ୍ୟ ଉପସ୍ଥିତ ଥିଲେ । ଟେକ୍-ଉଦ୍ୟୋଗୀ, ଷ୍ଟାର୍ଟ-ଅପ୍, ନିବେଶକ ଏବଂ ବ୍ୟବସାୟିକ ନେତୃବୃନ୍ଦଙ୍କ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ମାନବ-କୈନ୍ଦ୍ରିକ କୃତ୍ରିମ ବୁଦ୍ଧିମତା (ଏଆଇ) ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ପାଇଁ ଭାରତର ଦୂରଦୃଷ୍ଟି ତଥା ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ-ଫ୍ରାନ୍ସ ମଧ୍ୟରେ ସହଯୋଗର ପରିସର ବୃଦ୍ଧି ପାଉଛି । ପ୍ରଯୁକ୍ତିବିଦ୍ୟା ଭାରତରେ ଅନେକ ଉଲ୍ଲେଖନୀୟ ରୂପାନ୍ତରଣ କରିଥିବା ସେ ଆଲୋକପାତ କରିଥିଲେ । ଡିଜିଟାଲ୍ ପେମେଂଟ, ଏଆଇ ଆଧାରିତ କୃଷି ପ୍ରଗତିଠାରୁ ଆରମ୍ଭ କରି ଅତ୍ୟାଧୁନିକ ମହାକାଶ ପ୍ରୟୋଗ ପର୍ଯ୍ୟନ୍ତ ଅନେକ ସଂସ୍କାର ଆଣିବାରେ ପ୍ରଯୁକ୍ତି ବିଦ୍ୟା ସକ୍ଷମ ହୋଇଥିବା ସେ କହିଛନ୍ତି । ମୁଖ୍ୟ ଅଭିଭାଷଣ ପରେ, ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ମାକ୍ରୋନ୍ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ବିକାଶ ଏବଂ ଯାତାୟାତ ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ବ୍ୟାବହାରିକ ସମାଧାନ ପ୍ରଦର୍ଶନ କରୁଥିବା ଭାରତୀୟ ଷ୍ଟାର୍ଟ-ଅପ୍ ଏବଂ ନବସୃଜନକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ଭିଭାଟେକ୍-୨୦୨୬ ରେ ଭାରତ ହେଉଛି 'ଏଆଇ କଂଟ୍ରି ପାର୍ଟନର' । ଏଆଇ, ଡିଜିଟାଲ୍ ପବ୍ଲିକ ଇନଫ୍ରାଷ୍ଟ୍ରକଚର (ଡିପିଆଇ), ହେଲଥ୍-ଟେକ୍, ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା, ମୋବିଲିଟି, ଆଡଭାନ୍ସଡ୍ କମ୍ପ୍ୟୁଟିଂ ଇତ୍ୟାଦି କ୍ଷେତ୍ରରେ ନିଜର ନବସୃଜନ ବ୍ୟବସ୍ଥାକୁ ପ୍ରଦର୍ଶନ କରିବା ପାଇଁ ବିଭିନ୍ନ ପାଭିଲିୟନ୍ ସହିତ ଭିଭାଟେକ୍‌ରେ ଭାରତର ଏହା ହେଉଛି ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ଉପସ୍ଥିତି । ଏହି କାର୍ଯ୍ୟକ୍ରମରେ ୮୦ ରୁ ଅଧିକ ଭାରତୀୟ ଡିପ୍-ଟେକ୍ କମ୍ପାନୀ ଏବଂ ଷ୍ଟାର୍ଟ-ଅପ୍ ଅଂଶଗ୍ରହଣ କରୁଛନ୍ତି । ଭିଭାଟେକ୍‌ରେ ପ୍ରଧାନମନ୍ତ୍ରୀଙ୍କ ଅଂଶଗ୍ରହଣ ଭାରତୀୟ ଏବଂ ଫ୍ରାନ୍ସର ପ୍ରଯୁକ୍ତିବିଦ୍ୟା ବ୍ୟବସ୍ଥା ମଧ୍ୟରେ ଭାଗିଦାରୀକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି । ବହୁ ବର୍ଷ ଧରି ଭିଭାଟେକ୍ ସହିତ ଭାରତର ସମ୍ପର୍କ କ୍ରମାଗତ ଭାବେ ବୃଦ୍ଧି ପାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୦୨୧ ମସିହାରେ ଭିଭାଟେକ୍‌ରେ ମୁଖ୍ୟ ଅଭିଭାଷଣ ପ୍ରଦାନ କରିଥିଲେ; ୨୦୨୨ ରେ ଭାରତ ଭିଭାଟେକ୍‌ର ପ୍ରଥମ 'କଂଟ୍ରି ଅଫ୍ ଦି ଇୟର' ହୋଇଥିଲା; ଏବଂ ନିକଟରେ ଭିଭାଟେକ୍ ବେଙ୍ଗାଲୁରୁ ଟେକ୍ ସମିଟ୍ ସହିତ ଆନୁଷ୍ଠାନିକ ସହଯୋଗ ସ୍ଥାପନ କରିଛି । ଚଳିତ ବର୍ଷ ଭାରତର ଏହି ଅଂଶଗ୍ରହଣ ବିଶେଷ ଗୁରୁତ୍ୱ ବହନ କରେ, କାରଣ ଉଭୟ ଦେଶ ୨୦୨୬ ମସିହାକୁ 'ଭାରତ-ଫ୍ରାନ୍ସ ନବସୃଜନ ବର୍ଷ' ଭାବରେ ପାଳନ କରୁଛନ୍ତି ।

# ଅତିରିକ୍ତ ଯାତ୍ରୀ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ଟ୍ରେନରେ ଅତିରିକ୍ତ କୋଚ୍ ସଂଯୋଗ



ଭୁବନେଶ୍ୱର : ଯାତ୍ରୀମାନଙ୍କୁ ଅଧିକ ଆରାମଦାୟକ ଭ୍ରମଣ ସୁବିଧା ଯୋଗାଇଦେବା ଏବଂ ଆଗାମୀ ସପ୍ତାହରେ ବଢୁଥିବା ଯାତ୍ରୀଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଭାରତୀୟ ରେଳପଥ ପକ୍ଷରୁ କେତେକ ଏକ୍ସପ୍ରେସ ଟ୍ରେନରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରିବାକୁ ନିଷ୍ପତି ନିଆଯାଇଛି । ଟ୍ରେନ୍ ନମ୍ବର ୧୨୮୩୭ ହାଓଡ଼ା-ପୁରୀ ଏକ୍ସପ୍ରେସରେ ୨୦ ଜୁନ୍ରୁ ୨୬ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ସ୍ଲିପର କ୍ଲାସ କୋଚ୍ ସଂଯୋଗ କରାଯିବ । ସେହିଭଳି, ଟ୍ରେନ୍ ନମ୍ବର ୧୮୦୩୯ ଶାଲିମାର-ପୁରୀ ଏକ୍ସପ୍ରେସରେ ୨୧ ଜୁନ୍ ୨୦୨୬ ଦିନ ଗୋଟିଏ ସ୍ଲିପର କ୍ଲାସ କୋଚ୍ ସଂଯୋଗ କରାଯିବ । ଟ୍ରେନ୍ ନମ୍ବର ୧୮୦୪୫ ଶାଲିମାର-ଚର୍ଲାପଲ୍ଲୀ ଇଷ୍ଟ କୋଷ୍ଟ ଏକ୍ସପ୍ରେସରେ ୨୦ ଜୁନ୍ରୁ ୨୬ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ୩-ଟାୟାର ସଂଯୋଗ କରାଯିବ । ଟ୍ରେନ୍ ନମ୍ବର ୧୮୦୬୩ ସାନ୍ତ୍ରାଗାଛି-ୟେଲହଙ୍କା ଏସି ଏକ୍ସପ୍ରେସରେ ୨୫ ଜୁନ୍ ୨୦୨୬ ଦିନ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ କୋଚ୍ ବୃଦ୍ଧି କରାଯିବ । ଟ୍ରେନ୍ ନମ୍ବର ୧୮୧୦୭ ରାଉରକେଲା-ଜଗଦଲପୁର ଇଂଟରସିଟି ଏକ୍ସପ୍ରେସରେ ୨୦ ଜୁନ୍ ୨୦୨୬ ଦିନ ଗୋଟିଏ ଅତିରିକ୍ତ ସ୍ଲିପର କ୍ଲାସ କୋଚ୍ ସଂଯୋଗ କରାଯିବ । ଏହି ଅସ୍ଥାୟୀ କୋଚ୍ ବୃଦ୍ଧି ଫଳରେ ଏହି ରୁଟ୍ ?ରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ଅଧିକ ବର୍ଥ ଉପଲବ୍ଧ ହେବ ଏବଂ ଏହି ସମୟ ମଧ୍ୟରେ ବଢୁଥିବା ଯାତ୍ରା ଚାହିଦାକୁ ପୂରଣ କରିବାରେ ସହାୟକ ହେବ ।

# ବିଶ୍ୱ ସିକିଲ ସେଲ ସଚେତନତା ଦିବସ ପାଳିତ

ଭୁବନେଶ୍ୱର : ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଯଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶ୍ୱ ସିକିଲ ସେଲ ସଚେତନତା ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ , ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସହ ଯୋଗ ଦେଇଛନ୍ତି । ସିକିଲ ସେଲ ରୋଗର ନିରାକରଣ, ନିୟନ୍ତ୍ରଣ ଓ ସଚେତନତା ବୃଦ୍ଧି ସମ୍ପର୍କରେ ମତ ବ୍ୟକ୍ତ କରି ସେହି ରୋଗରେ ପୀଡ଼ିତ ଥିବା କିଛି ବ୍ୟକ୍ତିଙ୍କ ସହ ଆଲୋଚନା କରି ସେମାନଙ୍କୁ ଉତ୍ସାହିତ କରିବା ସହ ସ୍କୁଲ ଏବଂ କଲେଜର ଛାତ୍ରଛାତ୍ରୀ ମାନଙ୍କୁ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ସେମାନଙ୍କୁ ପ୍ରେରିତ କରିଛନ୍ତି ମନ୍ତ୍ରୀ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଦେଶବ୍ୟାପୀ ଜାତୀୟ ସିକିଲ ସେଲ ଆନେମିଆ ମୁକ୍ତ ଅଭିଯାନକୁ ଅଧିକ ବ୍ୟାପକ କରାଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ତତ୍ୱାବଧାନରେ ରାଜ୍ୟରେ ସଚେତନତା ଓ ସ୍କ୍ରିନିଂ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରାଯାଉଛି । ଏହି ରୋଗର



ମୂଳୋତ୍ପାଟନ ପାଇଁ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବା ସହ ୨୦୪୭ ସୁଦ୍ଧା ସିକିଲ ସେଲ ମୁକ୍ତ ଭାରତ ଗଠନର ଲକ୍ଷ୍ୟ ପୂରଣ ପାଇଁ ସଂକଳ୍ପ ନେବାକୁ ମନ୍ତ୍ରୀ ଆହ୍ୱାନ କରିଥିଲେ । ସୂଚନା ଅନୁସାରେ, ସାରା ରାଜ୍ୟରେ ୪୦ ବର୍ଷ ବୟସ ଭିତରେ ଥିବା ଜନସାଧାରଣଙ୍କ ସିକିଲ୍ ସେଲ୍ ପରୀକ୍ଷା କରାଯାଉଛି ଏବଂ ପାଖାପାଖି ୧ ଲକ୍ଷ ୨୦ ହଜାର ସିକଲ୍ ସେଲ୍ ରୋଗୀ ଚିହ୍ନଟ ହୋଇଛନ୍ତି । ସେମାନଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ପ୍ରଦାନ କରାଯାଉଛି । ପଞ୍ଜୀକୃତ ସିକିଲ୍ ସେଲ୍ ରୋଗୀଙ୍କୁ ସରକାରଙ୍କ ତରଫରୁ ମାସକୁ ୫୦୦ ଟଙ୍କା ସହାୟତା ରାଶି ମଧ୍ୟ ପ୍ରଦାନ କରାଯାଉଛି ।

# ଆପାର୍ଟମେଂଟ ପଞ୍ଜୀକରଣ ପାଇଁ ରାଜ୍ୟ ସରକାରଙ୍କ ନୂତନ ଏସ୍‌ଓପି ଜାରି

ଭୁବନେଶ୍ୱର : ରାଜ୍ୟରେ ଆପାର୍ଟମେଂଟ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସରଳ ଓ ସମନ୍ୱିତ କରିବା ଉଦ୍ଦେଶ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ମିଳିତ ଭାବେ ଆପାର୍ଟମେଂଟ ପଞ୍ଜୀକରଣ ନିମନ୍ତେ ଏକ ମାନକ କାର୍ଯ୍ୟପ୍ରଣାଳୀ (ଏସଓପି) ଜାରି କରିଛନ୍ତି । ଓଡ଼ିଶା ଆପାର୍ଟମେଂଟ (ମାଲିକାନା ଏବଂ ପରିଚାଳନା) ଆଇନ, ୨୦୨୩, ରିଅଲ୍ ଇଷ୍ଟେଟ୍ (ନିୟନ୍ତ୍ରଣ ଓ ବିକାଶ) ଆଇନ, ୨୦୧୬ ଏବଂ ପଞ୍ଜୀକରଣ ଆଇନ, ୧୯୦୮ର ବିଭିନ୍ନ ବ୍ୟାଖ୍ୟା କାରଣରୁ ସୃଷ୍ଟ ହେଉଥିବା ଅସ୍ପଷ୍ଟତା ଦୂର କରିବା ସହ ରାଜ୍ୟବ୍ୟାପୀ ଏକ ସମାନ ପ୍ରକ୍ରିୟା ଅନୁସରଣ ସୁନିଶ୍ଚିତ କରିବା ପାଇଁ ଏହି ଏସ୍‌ଓପି ପ୍ରଣୟନ କରାଯାଇଛି । ନୂତନ ଏସ୍‌ଓପି ଅନୁଯାୟୀ ଆପାର୍ଟମେଂଟ୍ ସମ୍ବନ୍ଧୀୟ ପଞ୍ଜୀକରଣକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି- ପ୍ରି-ରେରା ଆପାର୍ଟମେଂଟର ପୁନଃ ବିକ୍ରୟ, ପ୍ରି-ରେରା ପ୍ରକଳ୍ପରେ ବିକ୍ରୟ ହୋଇନଥିବା ଫ୍ଲାଟ୍ ର ପ୍ରଥମ ବିକ୍ରୟ ଏବଂ ପୋଷ୍ଟ-ରେରା ଆପାର୍ଟମେଂଟ୍ । ପ୍ରତ୍ୟେକ ବିଭାଗ ପାଇଁ ଆବଶ୍ୟକୀୟ ଦଲିଲପତ୍ର, ଯାଂଚ ପ୍ରକ୍ରିୟା ଏବଂ ପଞ୍ଜୀକରଣର ସର୍ତ୍ତାବଳୀ ସ୍ପଷ୍ଟ ଭାବେ ଏହି ନୂତନ ଏସଓପିରେ ନିର୍ଦ୍ଧାରଣ କରାଯାଇଛି । ପୋଷ୍ଟ-ରେରା ଆପାର୍ଟମେଂଟ କ୍ଷେତ୍ରରେ ପଞ୍ଜୀକରଣ ପୂର୍ବରୁ ଓଡ଼ିଶା ରେରା ପଞ୍ଜୀକରଣ (ଯେଉଁଠି ପ୍ରଯୁଜ୍ୟ), ଅକ୍ୟୁପାନ୍ସି ସାର୍ଟିଫିକେଟ୍, ଆଲଟିମାନଙ୍କ ସଂଘର ପଞ୍ଜୀକରଣ, ଧାରା-୯ ଅନୁଯାୟୀ ଘୋଷଣାପତ୍ରର ପଞ୍ଜୀକରଣ ଏବଂ ସାଧାରଣ କ୍ଷେତ୍ର ଓ ସୁବିଧାର ହସ୍ତାନ୍ତର ସମ୍ବନ୍ଧୀୟ ବ୍ୟବସ୍ଥା ପାଳନ ବାଧ୍ୟତାମୂଳକ କରାଯାଇଛି ।



ଏଥିସହ ସମ୍ପୃକ୍ତ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପରେ ହିଁ ପଞ୍ଜୀକରଣ ସମ୍ଭବ ହେବ । ଏସ୍‌ଓପିରେ ଭୁବନେଶ୍ୱର ମହାନଗର ନିଗମ ଅଂଚଳ, ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷ ଅଂଚଳ ଏବଂ ରାଜସ୍ୱ ଉପଖଣ୍ଡ ଅଂଚଳ ପାଇଁ ପୃଥକ୍ ପୃଥକ୍ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଭୂମିକା ଓ ଦାୟିତ୍ୱ ମଧ୍ୟ ସ୍ପଷ୍ଟ କରାଯାଇଛି । ମହିଳାଙ୍କ ନାମରେ ହେଉଥିବା ଆପାର୍ଟମେଂଟ ହସ୍ତାନ୍ତର କ୍ଷେତ୍ରରେ ପୂର୍ବରୁ ଚାଲୁଥିବା ଏକ ପ୍ରତିଶତ ଷ୍ଟାମ୍ପ ଶୁଳ୍କ ରିହାତି ସୁବିଧା ଜାରି ରହିବ । ସେହିପରି ଆଲଟିମାନଙ୍କ ସଂଘ ସପକ୍ଷରେ ସାଧାରଣ କ୍ଷେତ୍ର ଓ ସୁବିଧା ହସ୍ତାନ୍ତର ଦଲିଲ ପାଇଁ ନାମମାତ୍ର ଷ୍ଟାମ୍ପ ଶୁଳ୍କ ଓ ପଞ୍ଜୀକରଣ ଫି ନିର୍ଦ୍ଧାରଣ କରାଯାଇଛି । ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଫଳରେ ଆପାର୍ଟମେଂଟ ପଞ୍ଜୀକରଣ ପ୍ରକ୍ରିୟା ଅଧିକ ସ୍ୱଚ୍ଛ, ସୁବ୍ୟବସ୍ଥିତ ଓ ନାଗରିକ-କୈନ୍ଦ୍ରିକ ହେବା ସହ ଆପାର୍ଟମେଂଟ୍ କ୍ରେତାଙ୍କ ସ୍ୱାର୍ଥର ସୁରକ୍ଷା ଏବଂ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରରେ ସୁଶାସନ ସୁନିଶ୍ଚିତ ହେବ ବୋଲି ଆଶା କରାଯାଉଛି ।

# ବନ୍ୟା ଆଶ୍ରୟସ୍ଥଳୀର ପ୍ରାକୃତିକ ବିପର୍ଯ୍ୟୟ ସମ୍ବନ୍ଧିତ ସାମୂହିକ ଅଭ୍ୟାସ କାର୍ଯ୍ୟକ୍ରମ

ବୈଶିଙ୍ଗା(ନିପ୍ର) : ବେତନଟୀ ବ୍ଲକ୍ ଅନ୍ତର୍ଗତ ପାଟୋଳିପୁରା ଗ୍ରା: ପ ଅଧିନସ୍ଥ ବେଲାଣପୁର ବନ୍ୟା ଆଶ୍ରୟ ସ୍ଥଳୀରେ ଫୋର୍ଡ , ଜିଲ୍ଲା ପ୍ରଶାସନ , ଓ ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟି ମିଳିତ ଆନୁକୂଲ୍ୟରେ ସାମୂହିକ ଅଭ୍ୟାସ (ମକ ଡ୍ରିଲ) ଅନୁଷ୍ଠିତ ହୋଇଥିଲା । ଫୋର୍ଡର ସମ୍ପାଦକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମମତା ନାୟକ ସରପଂ ପାଟୋଳିପୁରା ଗ୍ରା:ପ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି - ତାପସ କୁମାର ମହାନ୍ତ , ଜିଲ୍ଲା ଜରୁରୀ କାଳୀନ ଅଧିକାରୀ, ବରେଣ୍ୟ ଅତିଥି - ସୁତନୁ କୁମାର ଠାକୁର , ଓସଡମା ରାଜ୍ୟ ପ୍ରକଳ୍ପ ଅଧିକାରୀ ,ସମ୍ମାନୀୟ ଅତିଥି - ସନ୍ତୋଷ ଦୁର୍ଗା ଅବସର ପ୍ରାପ୍ତ ଜେଲ ଅଧୀକ୍ଷକ , ଅଗ୍ନିଶମ ବିଭାଗର ଅଧିକାରୀ ସତ୍ୟବାଦୀ ପଲେଇ ବେତନଟୀ , ଏନ.ଡି.ଆର.ଏଫ ଅଧିକାରୀ - ବିନାୟକ କୁମାର , ଧନଞ୍ଜୟ କୁମାର ଓ ତାଙ୍କର ସହଯୋଗୀ ମାନେ ଯୋଗ ଦେଇଥିଲେ । ବିଭିନ୍ନ ପ୍ରକାର ବିପର୍ଯ୍ୟୟରୁ କିଭଳି ରକ୍ଷା ପାଇବା ଓ ନିଜେ ନିଜକୁ ରକ୍ଷା କରି ଅନ୍ୟ ମାନଙ୍କୁ ସାହାଯ୍ୟ କରିବା ସେ ବିଷୟରେ ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶିତ କରାଇ ଥିଲେ । ଏନ.ଡି.ଆର.ଏଫ ଦ୍ୱାରା ବିପର୍ଯ୍ୟୟ ବିଷୟରେ ଯନ୍ତ୍ରପାତି ପ୍ରଦର୍ଶିତ କରି ସମସ୍ତଙ୍କୁ ଦେଖାଇ ଥିଲେ । ଏ ବର୍ଷ ଡକ୍ଟର ରମାକାନ୍ତ ମହାନ୍ତଙ୍କୁ 'ପରିବେଶ ସୁରକ୍ଷା' ସମ୍ମାନରେ ମାନପତ୍ର ଉପଢୋକନ ଓ ଗୋଟିଏ ଫଳ ଗଛ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପଂଚାୟତ ରାଜ ପ୍ରତିନିଧି, ସରକାରଙ୍କର ବିଭିନ୍ନ ବିଭାଗର ଅଧିକାରୀ, ଅଙ୍ଗନୱାଡି ଓ ଆଶା କର୍ମୀ , ସ୍ୱୟଂ ସହାୟକ ଗୋଷ୍ଠୀ , ଯୁବ ଗୋଷ୍ଠୀ, ଛାତ୍ର ଛାତ୍ରୀ ଓ ଜନସାଧାରଣ ଉପସ୍ଥିତ ହୋଇଥିଲେ । ଏଭଳି କାର୍ଯ୍ୟକ୍ରମ ବର୍ଷକୁ ୩ ରୁ ୪ ଥର କରିବା ପାଇଁ ଜନସାଧାରଣ ସରକାରଙ୍କୁ ଅନୁରୋଧ କରିଥିଲେ ।

# ଭୁଲ ଇଞ୍ଜେକ୍ସନ ଯୋଗୁଁ ଶିଶୁ ଗୁରୁତର

ଧାମନଗର(ନିପ୍ର) : ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ କାର୍ଯ୍ୟରତ ନର୍ସଙ୍କ ବେପରୁଆ ମନୋଭାବ ଓ ଭୁଲ ଇଞ୍ଜେକସନ ଦେବା ଯୋଗୁଁ ଜଣେ ୧୧ ବର୍ଷର ଶିଶୁ ଗୁରୁତର ହୋଇପଡ଼ିଥିବା ଭଳି ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି । ଏ ସମ୍ପର୍କରେ ଶିଶୁର ପରିବାର ପକ୍ଷରୁ ଧାମନଗର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି । ଅଭିଯୋଗ ମୁତାବକ, ଧାମନଗର ଥାନା ଅନ୍ତର୍ଗତ ଦଳାଙ୍ଗ ଗ୍ରାମର ରାମଚନ୍ଦ୍ର ତ୍ରିପାଠୀଙ୍କ ୧୧ ବର୍ଷର ପୁଅ ସାହି କୃଷ୍ଣ ତ୍ରିପାଠୀ ଗତକାଲି (୧୮ ଜୁନ୍) ସକାଳେ ଜ୍ୱରରେ ପୀଡ଼ିତ ହେବାରୁ ତାଙ୍କ ଦାଦା ପୁରୁଷୋତମ ତ୍ରିପାଠୀ ତାଙ୍କୁ ଚିକିତ୍ସା ପାଇଁ ଧାମନଗର ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ମେଡିସିନ ଓ ଇଞ୍ଜେକ୍ସନ ଆଣି ମେଡିକାଲରେ କାର୍ଯ୍ୟରତ ନର୍ସ ସୁବାସିନୀ ଜେନାଙ୍କ ନିକଟକୁ ଯାଇଥିଲେ । ମାତ୍ର ଡାକ୍ତର ଲେଖିଥିବା ପ୍ରେସକ୍ରିପସନକୁ ସଠିକ୍ ଭାବେ ନ ଦେଖି ନର୍ସ ଜଣକ ବେପରୁଆ ଭାବେ ଶିଶୁକୁ ଏକ ଭୁଲ୍ ଇଞ୍ଜେକ୍ସନ କୁକୁର କାମୁଡ଼ା ଇଞ୍ଜେକ୍ସନ ଦେଇଦେଇଥିଲେ । ସେହି ସମୟରେ ପରିବାର ଲୋକେ ଏହାକୁ ବିରୋଧ କରିବାରୁ ନର୍ସ ଜଣକ ଓଲଟା ସେମାନଙ୍କ ସହ ଯୁକ୍ତିତର୍କ କରିଥିଲେ ଏବଂ ଡାକ୍ତର ଏହା ଲେଖିଛନ୍ତି ବୋଲି କହିଥିଲେ । ପରେ ନର୍ସ ଜଣକ ନିଜର ଭୁଲ୍ ସ୍ୱୀକାର କରି ଭୁଲ୍ ଇଞ୍ଜେକ୍ସନ କୁ ଶିଶୁ ଶରୀରରୁ ବାହାର କରିବାକୁ ଚେଷ୍ଟା କରିଥିଲେ, ଯାହା ଫଳରେ ଶିଶୁଟି ଯନ୍ତ୍ରଣାରେ ଚିତ୍କାର କରିଥିଲା । ଭୁଲ୍ ଇଞ୍ଜେକ୍ସନ ପ୍ରଭାବରେ ଶିଶୁର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ତୁରନ୍ତ ଜଣେ ଶିଶୁ ରୋଗ ବିଶେଷଜ୍ଞଙ୍କୁ ଦେଖାଇ ଚିକିତ୍ସା କରାଯାଇ ଥିଲା । ବର୍ତ୍ତମାନ ସୁଦ୍ଧା ଶିଶୁଟି ବିପଦମୁକ୍ତ ହୋଇ ନଥିବା ବେଳେ ପରିବାର ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି ।



